## ସଂକ୍ଷେପରେ

### ୫୫ ଚର୍ଚ୍ଚରେ ପାଳନ ହେବ ବଡ଼ଦିନ



ଜି.ଉଦୟଗିରି, ୨୩।୧୨ (ଡି.ଏନ.ଏ.): ବୁଧବାର ବଡ଼ଦିନ ବା ଯୀଶୁଖ୍ରୀଷ୍ଟଙ୍କ ଜୟନ୍ତୀ ପାଳନ ନିମନ୍ତେ ବିଭିନ୍ନ ଚର୍ଚ୍ଚରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିପାଇଁ ଜି.ଉଦୟଗିରି ସହରରେ ପ୍ରବଳ ଜନଗହଳି ଦେଖିବାକୁ ମିଳୁଛି। ଜି.ଉଦୟଗିରି ଥାନା ଅଞ୍ଚଳରେ ଥିବା ୫୫ ଚର୍ଚ୍ଚରେ ବଡ଼ଦିନ ପ୍ରାର୍ଥନା କରାଯିବ। ସୁବଲଣ୍ଡା କ୍ୟାଥୋଲିକ ଚର୍ଚ୍ଚରେ ମଙ୍ଗଳବାର ମଧରାତିରେ ପ୍ରାର୍ଥନା କରାଯିବ ବୋଲି ଫାଦର ପ୍ରଭୋଦ ପ୍ରଧାନ କହିଛନ୍ତି। ସେହିପରି ନୂଆସାହି ବାପଟିଷ୍ଟ ଚର୍ଚ୍ଚ, ମାଲିକପଡ଼ି ବାପଟିଷ୍ଟ ଚର୍ଚ୍ଚ ଓ କଳିଙ୍ଗା ବାପଟିଷ୍ଟ ଚର୍ଚ୍ଚ ସମେତ ଅନେକ ଚର୍ଚ୍ଚରେ ମଧ ମଧରାତି ପ୍ରାର୍ଥନା କରାଯିବ। ଉତ୍ସବକୁ ଦୃଷ୍ଟିରେ ରଖି ଥାନାଞ୍ଚଳରେ ୨ ଜଣ ଏସଆଇ, ଏଏସଆଇଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସଙ୍କୁ ନିୟୋଜିତ କରାଯାଇଛି।

### ବିଜେଡିର ପ୍ରସ୍ତୁତି ବୈଠକ

ଜି.ଉଦୟଗିରି, ୨୩।୧୨ (ଡି.ଏନ.ଏ.): ଜି.ଉଦୟଗିରି ଟାଉନ ହଲଠାରେ ସୋମବାର ନଗର ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି କୃଷ୍ଣ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ଦିନରେ ଦାରିଙ୍ଗିବାଡ଼ିରେ ହେବାକୁ ଥିବା ବିଜେଡିର ପ୍ରତିଷ୍ଠା ଦିବସକୁ ସଫଳ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବତନ ଏନ୍ଏସି ଅଧକ୍ଷ ପି. ସଞ୍ଜୀବ କୁମାର ପାତ୍ରଙ୍କ ସହିତ ଦଳର ବରିଷ୍ଠ ନେତା ଦେବନାଥ ଦଳ ବେହେରା, ଅଶ୍ୱିନୀ କୁମାର ନାୟକ, ସୁଶୀଳ କୁମାର ପାଣିଗ୍ରାହୀ, ସମୀର କୁମାର ପାଢ଼ୀ, ଅନୀଲ ଦଳ ବେହେରା, ପ୍ରତ୍ୟେକ ୱାର୍ଡ କମିଟି ସଭାପତି, ପୂର୍ବତନ କାଉନ୍ସିଲର ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବଡ଼ଦିନ ପାଳନ ଲାଗି ବ୍ୟାପକ ସୁରକ୍ଷା

ଫୁଲବାଣୀ ଅଫିସ, ୨୩।୧୨

ଖ୍ରୀଷ୍ଟଧର୍ମାବଲମ୍ବୀମାନେ ବୁଧବାର ଧୁମ୍‌ଧାମ୍‌ରେ ବଡ଼ଦିନ ପାଳନ କରିବେ। ଏ ନେଇ କନ୍ଧମାଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାରେ ୩୪ ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ନିୟୋଜିତ କରାଯାଇଛି। ଜିଲା ବାହାରୁ ୪୦ ଜଣ ଅଫିସରଙ୍କୁ ବିଭିନ୍ନ ଥାନାରେ ନିୟୋଜିତ କରାଯାଇଛି। ସେହିପରି ଜିଲାର ୩୨ ଜଣ ଅଧିକାରୀଙ୍କୁ ମିଶାଇ ମୋଟ ୭୨ ଜଣ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ। ଏଥିପାଇଁ ଜିଲାକୁ ନାକାବନ୍ଦୀ କରାଯିବା ସହ ପ୍ରମୁଖ ସ୍ଥାନରେ ଚେକିଂ, ପିକେଟିଂ ଆଦି କରାଯାଇଛି। ଚଳିତ ବର୍ଷ ଶାନ୍ତି କମିଟି ବୈଠକରେ କୁଇ ସମାଜ ସମନ୍ୱୟ ସମିତି ବନ୍ଦ ଡାକରା ଦେବା ନାହିଁ ପ୍ରତିଶ୍ରୁତି ଦେଇଛି। ବଡ଼ଦିନକୁ ଆନନ୍ଦରେ ପାଳନ କରିବାକୁ ଜିଲାପାଳ ଡା.ବୃନ୍ଦା ଡି, ଏସ୍‌ପି ପ୍ରତୀକ ଗୀତା ସିଂ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ରାଇକିଆରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ରାଇକିଆ, ୨୩।୧୨ (ଡି.ଏନ୍.ଏ.)

ରାଇକିଆ ପୋଲିସ ପକ୍ଷରୁ ବଡ଼ ଦିନକୁ ଦୃଷ୍ଟିରେ ରଖି ସୋମବାର ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନାଧିକାରୀ ଅଲେଖ ଗରଡ଼ିଆଙ୍କ ନେତୃତ୍ୱରେ ବେରେଡାକିଆଠାରୁ ଚୁନପଲ୍ଲି ଛକ ପର୍ଯ୍ୟନ୍ତ ପୋଲିସ ଫୋର୍ସ ସହର ପରିକ୍ରମା କରିଥିଲେ। ବଡ଼ ଦିନ ପାଇଁ ରାଇକିଆ ବ୍ଲକରେ ସମସ୍ତ ପ୍ରସ୍ତୁତି ଜୋର୍‌ଦାର ଚାଲିଥିବା ବେଳେ ଶୃଙ୍ଖଳା ପାଇଁ ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ଶାନ୍ତି ବୈଠକ ମଧ ହୋଇଛି।



ରାଇକିଆରେ ଫ୍ଲାଗ ମାର୍ଚ୍ଚ କରାଯାଉଛି।

# ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗ ଆକାଉଣ୍ଟାଣ୍ଟ

ଫୁଲବାଣୀ ଅଫିସ/ବାଲିଗୁଡ଼ା/ କୋଟଗଡ଼ (ଡି.ଏନ୍.ଏ.) ୨୩।୧୨

କନ୍ଧମାଳ ଜିଲା ବାଲିଗୁଡ଼ା ପୂର୍ତ୍ତ ବିଭାଗ ଆକାଉଣ୍ଟାଣ୍ଟ ଭିନିତ୍ ପ୍ରସାଦ ଶ୍ରୀବାସ୍ତବ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ପୁରୁଣା ବିଲ୍ ପାସ୍ କରାଇ ଦେବାପାଇଁ ଜଣେ ଠିକାଦାରଙ୍କଠାରୁ ସେ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ କର୍ମଚାରୀ ତାଙ୍କୁ କାବୁ କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ଠିକାଦାର ପ୍ରଦୀପ କୁମାର ନାୟକ ରାଜସ୍ୱ ବିଭାଗର କର୍ମଚାରୀ ବାସଗୃହ(କ୍ୱାର୍ଟର୍ସ) ନିର୍ମାଣ କାମ କରିଥିଲେ। ଦେଢ଼ କୋଟି ଟଙ୍କାର ଏହି କାମର କ୍ୱାଲିଟି ସାର୍ଟିଫିକେଟ ବାବଦରେ ପ୍ରଦୀପ ଏକ ଲକ୍ଷ ଟଙ୍କା ପାଇବାର ଥିଲା। ଉକ୍ତ ଟଙ୍କାର ବିଲ୍ କରିଦେବା ପାଇଁ ଆକାଉଣ୍ଟାଣ୍ଟ ଶ୍ରୀବାସ୍ତବ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପ୍ରଦୀପ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ସୋମବାର ଆକାଉଣ୍ଟାଣ୍ଟ ଶ୍ରୀବାସ୍ତବଙ୍କୁ ପ୍ରଦୀପ ୫ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ଚଢ଼ାଉ କରି ଉକ୍ତ ଟଙ୍କା ଜବତ କରିବା ସହ ଆକାଉଣ୍ଟାଣ୍ଟଙ୍କୁ ଗିରଫ କରିଥିଲେ। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ରବିକାନ୍ତ ସୁନା ପ୍ରକାଶ କରିଛନ୍ତି। ଏ ନେଇ ନଂ.୩୫/୧୯ରେ ଏକ ମାମଲା ରୁଜୁ କରାଯାଇଛି।



ଭିନିତ୍ ପ୍ରସାଦ ଶ୍ରୀବାସ୍ତବ।

### ଆନ୍ତଃଜିଲା ଭଲିବଲ, ଫୁଟବଲ ଟର୍ନାମେଣ୍ଟ

# ଅଡ଼ବା, ଭବାନିପାଟଣା ଟିମ୍ ବିଜୟୀ

ଦିଗପହଣ୍ଡି, ୨୩।୧୨ (ଡି.ଏନ.ଏ.)

ଦିଗପହଣ୍ଡି ଖେମୁଣ୍ଡି ଭଲିବଲ ଓ ଫୁଟବଲ କ୍ଲବ ପକ୍ଷରୁ ସ୍ଥାନୀୟ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡ଼ିଆରେ ଆନ୍ତଃଜିଲା ଭଲିବଲ ଟର୍ନାମେଣ୍ଟର ସୋମବାର ୨ୟ ଦିବସ ଚାଲିଛି। ଏହାକୁ ବଡ଼ଖେମୁଣ୍ଡି ରାଜକୁମାର ସପନ କୁମାର ଦେବ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଗଜପତି ଜିଲା ଅଡବା ଭଲିବଲ ଟିମ ପ୍ରତିପକ୍ଷ ବ୍ରହ୍ମପୁରର କାର୍ଗିଲ ଭଲିବଲ ଟିମକୁ ୨-୧ ସେଟରେ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। କ୍ରୀଡା ଶିକ୍ଷକ ଏମ.ଗୌରାଙ୍ଗ ରେଫେରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚକୁ ବ୍ରହ୍ମପୁରର କ୍ରୀଡାବିତ୍ ଡି. ଆପାରାଓ, ଜି. ମନ୍ମଥ ରାଓ, ଜି. ସତ୍ୟନାରାୟଣ, ଜି.ଭଗବତୀ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମ୍ୟାଚରେ କନ୍ଧମାଳ ଜିଲା ଫୁଲବାଣୀର ବୁଢ଼ା ଦାନୀ କ୍ଲବକୁ ୧-୦ ଗୋଲରେ ପରାଜିତ କରି ପ୍ରତିପକ୍ଷ ଭବାନିପାଟଣା ଫୁଟବଲ କ୍ଲବ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି।

# ସୁରଟରେ ପ୍ରବାସୀ ଓଡ଼ିଆ ଜାଗୃତୀକରଣ ସମାରୋହ

ଭଞ୍ଜନଗର, ୨୩।୧୨ (ଡି.ଏନ୍.ଏ.)

ସୁରାଟର ପ୍ରବାସି ଓଡ଼ିଆ ସମାଜ ଟ୍ରଷ୍ଟ ପକ୍ଷରୁ ରବିବାର ସୁରାଟ ପ୍ରଦର୍ଶନୀ ସମ୍ମିଳନୀ କେନ୍ଦ୍ରରେ ପ୍ରବାସୀ ଓଡ଼ିଆ ଜାଗୃତୀକରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ସୁରାଟରେ ବସବାସ କରୁଥିବା ଓଡ଼ିଆମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ସେମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଗୁଜରାଟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା। ଆୟୋଜିତ ସଭାରେ ସଭାପତି ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ଗୁଜରାଟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ଜୟନ୍ତୀ ରବି ସମାରୋହକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ ହୁଡ୍‌କୋ ଡ. ଏସ୍. କେ. ନନ୍ଦ ମୁଖ୍ୟଅତିଥି, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସଙ୍ଗୀତା ସିଂ, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଗୋପବନ୍ଧୁ ଦାସ, ସୁରଟ ମ୍ୟୁନିସିପାଲିଟି କମିଶନର ବାଞ୍ଛାନିଧି ପାଣି, ସୁରାଟ ଜିଲାପାଳ ଡ. ଧବଳ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗୁଜରାଟଙ୍କ ସରକାରଙ୍କ ପକ୍ଷରୁ ବିଭିନ୍ନ ବ୍ୟକ୍ତିଙ୍କୁ ରାଶନକାର୍ଡ, ମା ବାତ୍ସଲ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ଉପ ସଭାପତି ବିଦ୍ୟାଧର ସମୁଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ପ୍ରବାସୀ ଓଡ଼ିଆ ସମାଜ ଟ୍ରଷ୍ଟ ଗଠନ ପରେ ସୁରାଟରେ ରହୁଥିବା ଓଡ଼ିଆମାନଙ୍କ ସୁରକ୍ଷା ଏବଂ ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି। ୧୫ଶହରୁ ଉର୍ଦ୍ଧ ମହିଳା ମଣ୍ଡଳ ଇତିମଧ୍ୟରେ ଗଠନ କରାଯାଇଛି।



ସମାରୋହରେ ଉପସ୍ଥିତ ଜନସାଧାରଣ।




# ଶୀତ ପ୍ରବାହ ପାଇଁ ସତର୍କତା

DSPL-208

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ କରନ୍ତୁ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

24007/13/0012/1920

ସଚେତନତା ଓ ସତର୍କତା ହିଁ ସୁରକ୍ଷା

OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

■ ସିଏଏକୁ ବ୍ରଜନଗର, ମିଳିତ କ୍ରିୟାନୁଷ୍ଠାନ କମିଟିର ସମର୍ଥନ

# ହିଂସାରୁ ନିବୃତ୍ତ ରହିବାକୁ ଆହ୍ବାନ

ବ୍ରହ୍ମପୁର ଅଫିସ,୨୩ା୧୨

ସାରାଦେଶରେ ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ନିଆଁ ଜଳୁଥିବା ବେଳେ ବ୍ରଜନଗର ଉନ୍ନୟନ ପରିଷଦ ଓ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଏହାକୁ ସ୍ବାଗତ କରିଛି। ଏହି ଆଇନର ଗୁରୁତ୍ୱ ଓ ଯଥାର୍ଥତା ସମ୍ପର୍କରେ ଜନସଚେତନା ସୃଷ୍ଟି ନେଇ ଉଭୟ କମିଟି ପକ୍ଷରୁ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଲୋଚାପଡା ରେଡସ୍ଥିତ ରାଧାକୃଷ୍ଣ ମନ୍ଦିର ପାର୍ଶ୍ୱ ରାସ୍ତାରେ କମିଟି କର୍ମକର୍ତ୍ତାମାନେ ପାରିତ ସିଏଏକୁ ତୁରନ୍ତ ଲାଗୁ କରାଯିବାକୁ ଦାବି କରିବା ସହ ସମ୍ପୃକ୍ତ ଆଇନ ସମ୍ପର୍କରେ ସଚେତନ କରିଥିଲେ । ଏହି ଆଇନ ଦେଶର ଏବଂ ଦେଶବାସୀଙ୍କ ହିତ ଦୃଷ୍ଟିରୁ କରାଯାଇଥିବାରୁ ଏହାକୁ ସମର୍ଥନ କରିବା ସମସ୍ତଙ୍କ ନୈତିକ ସାମାଜିକ ଏବଂ ରାଷ୍ଟ୍ରୀୟ ହିତ ସ୍ୱାର୍ଥ ଦୃଷ୍ଟିରୁ କର୍ତ୍ତବ୍ୟ ବୋଲି ଉଭୟ କମିଟି ପକ୍ଷରୁ କୁହାଯାଇଥିଲା । ଏହି ଆଇନ ଲାଗୁ ହେବା



କମିଟି କର୍ମକର୍ତ୍ତାମାନେ ସିଏଏ ଆଇନ ସମ୍ପର୍କରେ ସଚେତନ କରାଉଛନ୍ତି ।

ଫଳରେ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବିଶେଷ କରି ବାଂଲାଦେଶରୁ ଅବୈଧ ଅନୁପ୍ରବେଶକାରୀମାନଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଚିହ୍ନଟ ମାଧ୍ୟମ ସହଜ ହେବ। ଉପରୋକ୍ତ ଦେଶଗୁଡିକରୁ ଆସିଥିବା ଏବଂ ଧାର୍ମିକ ବିଦ୍ୱେଷର ଶିକାର ହୋଇଥିବା ମୂଳ ଭାରତୀୟ ଭୂଖଣ୍ଡର ସନାତନି ହିନ୍ଦୁ, ଯେଉଁମାନେ ସେହି ଦେଶରେ ସଂଖ୍ୟା ଲଘୁ ହିସାବରେ ରହି ନିର୍ଯାତନା ଭୋଗୁଛନ୍ତି, ସେହିମାନଙ୍କୁ ନାଗରିକତା ପ୍ରଦାନ ସହ ଏକ

**ଆଇନ କାର୍ଯ୍ୟକାରୀ କରିବାକୁ ଦାବି**

ସ୍ୱାବଲମ୍ବୀ, ସ୍ୱାଧିକାର ଏବଂ ସମ୍ମାନାସ୍ପଦ ଜୀବନ ବିତାଇଥିବାରେ ଏହି ଆଇନ ସହାୟକ ହୋଇପାରିବ। ଏହି ଆଇନ ଅନ୍ୟ କୌଣସି ଧର୍ମ ଜାତି ସମ୍ପ୍ରଦାୟ ବିରୋଧରେ ନୁହେଁ। ତେଣୁ ଏହାକୁ ବିରୋଧ କରିବାରୁ କୌଣସି ଯଥାର୍ଥତା ନ ଥିବା କମିଟି କର୍ମକର୍ତ୍ତାମାନେ ସଚେତନ କରାଇଥିଲେ । ଏହାକୁ ବିରୋଧ କରି ହିଂସା ସୃଷ୍ଟି କରୁଥିବା ବ୍ୟକ୍ତିମାନେ ଆଇନକୁ ସମ୍ପୂର୍ଣ୍ଣ ପଢିବା ସହ ହିଂସାରୁ ନିବୃତ୍ତ ରହିବାକୁ ସଂଘ ଆହ୍ବାନ ଦେଇଥିଲେ । କାର୍ଯ୍ୟକ୍ରମରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ ପଟ୍ଟନାୟକଙ୍କ ସମେତ ପ୍ରଫେସର ରଙ୍ଗନାଥ ମିଶ୍ର, ଶିବ ପ୍ରସାଦ ମିଶ୍ର ଓ ହରିହର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ସମ୍ବର୍ଦ୍ଧନା ସଭା

**ବ୍ରହ୍ମପୁର ଅଫିସ,୨୩ା୧୨:** ଗେଟ୍‌ବଜାର ଜନସ୍ୱାସ୍ଥ୍ୟ ବିଭାଗ ଜୀବନ କ୍ଲବ ସମ୍ମିଳନୀ କକ୍ଷରେ ଓଡିଶା ପାଇପଜଳ କର୍ମଚାରୀ ସଂଘ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ ସୀତାରାମ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ମଣ୍ଡଳ ଅଧୀକ୍ଷଣ ଯନ୍ତ୍ରୀ ଅରୁଣ କୁମାର ନାୟକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିକାଶ କୁମାର ପାଢ଼ୀ, ଇଂ. ଡି.ପ୍ରକାଶ ରାଓ ପ୍ରମୁଖ ଯୋଗ ଦେଇଥିଲେ । ଓଡିଶା ପାଇପ ଜଳ କର୍ମଚାରୀ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି, କାର୍ଯ୍ୟକ୍ରମ ସଂଯୋଜକ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ ପୂର୍ବତନ ରାଜ୍ୟ ସଭାପତି ଶ୍ରମିକ ନେତା ସ୍ୱର୍ଗତ ଚରଣ ପାଣିଗ୍ରାହୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ଅବସର ଗ୍ରହଣ କରିଥିବା ଇଂ. ଜୟରାମ ସାହୁ, ବିଭାଗୀୟ କର୍ମଚାରୀ ରାମକୃଷ୍ଣ ଜେନାଙ୍କ ସହ ବଦଳି ହୋଇଥିବା ଇଂ. କ୍ଷୀରୋଦ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘ ସାଧାରଣ ସମ୍ପାଦକ ମହାନ୍ତି ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କରିବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ରବି କୁମାର ପାଣିଗ୍ରାହୀ, ରଘୁନାଥ ପାତ୍ର, ପ୍ରତାପ ଚନ୍ଦ୍ର ବିଷୋୟୀ, ଡି.ସୀମାଦ୍ରୀ ପାତ୍ର, ବିଜୟ କୁମାର ପଣ୍ଡା ଓ ବି.ବାଲୁ ରେଡ୍ଡୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ୨୯ରେ ରାଜ୍ୟ ଆଇନଜୀବୀ ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୨୩ା୧୨:** ଆସନ୍ତା ୨୯ ତାରିଖରେ ନିଖିଳ ଉତ୍କଳ ଆଇନଜୀବୀ ସଂଘର ୪୮ତମ ରାଜ୍ୟ ସମ୍ମିଳନୀ ଖୋର୍ଦ୍ଧା ବରକୁଳରେ ଅନୁଷ୍ଠିତ ହେବ। ଏଥିରେ ଓଡିଶାର ୧୭୦ ଓକିଲ ସଂଘର ୧ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେବେ। ସଂଘ ରାଜ୍ୟ ସଭାପତି ବିଚିତ୍ର ବଡଜେନା ଏଥିରେ ସଭାପତିତ୍ୱ କରିବେ ବୋଲି ରାଜ୍ୟ ଆଇନଜୀବୀ ସଂଘ ସମ୍ପାଦକ ନିରଞ୍ଜନ ନାୟକ ଓ ରାଜ୍ୟ ମୁଖପାତ୍ର କରୁଣାକର ପାଣିଗ୍ରାହୀ ଏକ ମିଳିତ ବିବୃତିରେ ଜଣାଇଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ସୁପ୍ରିମକୋର୍ଟର ପୂର୍ବତନ ନ୍ୟାୟାଧୀଶ ଅରଜିତ ପଶାୟତ, ହାଇକୋର୍ଟ ବିଚାରପତି ପ୍ରମଥ କୁମାର ପଟ୍ଟନାୟକ ଓ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ପ୍ରମୁଖ ଯୋଗଦେବା ପାଇଁ ସ୍ଥିର ହୋଇଛି। ସେହିଭଳି ଅପରାହ୍ଣରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଖୋର୍ଦ୍ଧା ବିଧାୟକ ଜ୍ୟୋତରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ହାଇକୋର୍ଟ ଓକିଲ ସଂଘ ସଭାପତି ଗୋପାଳ ମହାନ୍ତି ଓ ରାଜ୍ୟ ଆଇନଜୀବୀ ସଂଘ ପୂର୍ବତନ ସଭାପତି ଶିଶିର କୁମାର ପାଢୀ ପ୍ରମୁଖ ମଧ ଯୋଗଦେବେ। ସେହିପରି ଓକିଲଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯିବ ବୋଲି ସଂଘର ଉପଦେଷ୍ଟା କରୁଣାକର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଗୋପାଳପୁର ବେଳାଭୂମି ମହୋତ୍ସବ

# ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଗୋପାଳପୁର,୨୩ା୧୨

ଚଳିତ ବର୍ଷ ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ମଙ୍ଗଳବାର ଅପରାହ୍ଣରେ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ବ୍ରହ୍ମପୁର ପୋଲିସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସୋମବାର ସନ୍ଧ୍ୟାରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ କହିବାନୁସାରେ, ମହୋତ୍ସବ ପାଇଁ ରାସ୍ତା ଲିଙ୍କ କରାଯାଇଛି। ଟ୍ରାଫିକ ଓ ପାର୍କିଂ ପାଇଁ ୧୯ ସ୍ଥାନ କରାଯାଇ ବସ୍, କାର ଓ ବାଇକ୍ ରଖାଯିବ। ଆବଶ୍ୟକ ପଡ଼ିଲେ ଅନ୍ୟ ସ୍ଥାନରେ ପାର୍କିଂ ବ୍ୟବସ୍ଥା ମଧ କରାଯିବ। ମହୋତ୍ସବରେ ଜନଗହଳିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କରାଯିବ। ୪ ଜଣ ଅତିରିକ୍ତ ଏସ୍‌ପି, ୧୦ ଡିଏସ୍‌ପି, ୩୦ ପ୍ଲାଟୁନ ପୋଲିସ ଫୋର୍ସ, ଅନ୍ୟ ପୋଲିସ ଅଧିକାରୀ ଓ ୨୦୦ ହୋମଗାଡ଼ ମୁତୟନ ରହିବେ। ଗୋପାଳପୁର ସହରକୁ ୮ ସେକ୍ଟର କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୧୦୦ ସିସି ଟିଭି କ୍ୟାମେରା ସଂଲଗ୍ନ କରାଯିବା ସହ ବାଇକ୍‌ରେ ପାଟ୍ରୋଲିଂ କରାଯିବ। ସାଦା ପୋଷାକରେ ପୋଲିସ ରହିବେ ବୋଲି ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ତ୍ରିସ୍ତରୀୟ ସୁରକ୍ଷା, ବ୍ୟାରିକେଟ ବ୍ୟବସ୍ଥା ଓ ରିହରସାଲ ମଧ କରାଯାଇଛି।

## ପେସାରେ ମେକାନିକ୍, ନିଶା କଳାକୃତି

# ପେନ୍‌ସିଲମୁନରେ ହରିଗୋବିନ୍ଦଙ୍କ କ୍ଷୁଦ୍ର ସାନ୍ତାକ୍ଲଜ୍

ବ୍ରହ୍ମପୁର ଅଫିସ,୨୩ା୧୨

ପେସାରେ ଜଣେ ମେକାନିକ୍ । କିନ୍ତୁ ନିଶା ତାଙ୍କର ନୂତନ କଳାକୃତି ଗଢ଼ିବାରେ । ଖାଦ୍ୟଶସ୍ୟ, ପେନସିଲରେ ବିଭିନ୍ନ କଳାକୃତି କରି ସେ ପାଲଟି ଯାଇଛନ୍ତି ଜଣେ ଚର୍ଚ୍ଚିତ ଚେହେରା । ସେ ହେଲେ ଶ୍ରୀରାମନଗର ଜଗନ୍ନାଥ ବିହାର ଷଷ୍ଠଗଳିରେ ରହୁଥିବା ହରିଗୋବିନ୍ଦ ମହାରଣା । ୨୦୧୮ରେ ଗୁଣ୍ଡିଚାଯାତ୍ରା ଅବସରରେ ୫୧ ପ୍ରକାର ଶସ୍ୟରେ ନନ୍ଦିଘୋଷ ରଥ ନିର୍ମାଣ କରି ଚର୍ଚ୍ଚାକୁ ଆସିଥିବା ହରିଗୋବିନ୍ଦ ଏବେ ପୁଣି ବଡ଼ଦିନ ଉପଲକ୍ଷେ କଲର ପେନ୍‌ସିଲ ମୁନରେ ସାନ୍ତାକ୍ଲଜ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ମାତ୍ର ୩ ଘଣ୍ଟାରେ ୧.୪ ସିଏମ୍ ଉଚ୍ଚତାର କ୍ଷୁଦ୍ର ସାନ୍ତାକ୍ଲଜ୍ କରିବା ସହ ବଡ଼ଦିନ ପାଇଁ ସହରବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବଳକା ସମୟକୁ ନଷ୍ଟ ନ କରି ସେ କଳାକୃତି ନିର୍ମାଣ କରିଥାନ୍ତି ବୋଲି କହିଛନ୍ତି । ସୂଚନାଯୋଗ୍ୟ, ଏହାପୂର୍ବରୁ ୨୦୧୮ରେ ଶସ୍ୟରେ ନନ୍ଦିଘୋଷ ରଥ ନିର୍ମାଣ କରିବା ପରେ ୧୫ ପ୍ରକାର ଖାଦ୍ୟଶସ୍ୟରେ ହକି ବିଶ୍ୱକପ୍ ସମୟରେ କଳିଙ୍ଗ ଷ୍ଟାଡିୟମର ଚିତ୍ର କଳାକୃତି ନିର୍ମାଣ କରିଥିଲେ । ସେହିପରି ୨୦୧୮ ଅଗଷ୍ଟ ୧୫ରେ ମସୁରଡାଲି, ମୁଗ, ଗୋଲମରିଚ, ସାଗୁଦାନା ଓ ଆଖୁରେ ୨ ଫୁଟ ଓସାର ଓ ୧୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ଜାତୀୟ ପତାକା ନିର୍ମାଣ କରିଥିଲେ । ସେହିବର୍ଷ


ପେନ୍‌ସିଲମୁନରେ ନିର୍ମିତ କ୍ଷୁଦ୍ର ସାନ୍ତାକ୍ଲଜ ।

ଗଣେଶପୂଜାରେ ପେନସିଲ ମୁନରେ ୬ଏମ୍‌ଏମ୍ ଉଚ୍ଚତାର କ୍ଷୁଦ୍ର ଗଣେଶ ନିର୍ମାଣ କରିଥିଲେ। ୨୦୧୯ ଅଗଷ୍ଟ ୧୫ରେ ପୁଣି ୬ ଫୁଟ ୬ ଇଞ୍ଚର ସ୍ୱଚ୍ଛଭାରତ ଚଷମା ନିର୍ମାଣ କରିଥିଲେ । ଯାହାକୁ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ମହାନଗର ନିଗମକୁ ପ୍ରଦାନ କରିଥିଲେ, ଚଳିତବର୍ଷ ଗାନ୍ଧୀ ଜୟନ୍ତୀରେ ଚାଉଳରେ ୧.୫ ସିଏମ ଲମ୍ବ ଓ ୧ ସିଏମ୍ ଉଚ୍ଚତାର ଅରଟ ନିର୍ମାଣ କରି ବ୍ରହ୍ମପୁର ସହରର ଯୁବ କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଥିଲେ ।

■ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

# ୧୩୦ ଅଭିଯୋଗ ଶୁଣିଲେ ଜିଲାପାଳ


ଜିଲାପାଳ ଅଭିଯୋଗ ଶୁଣୁଛନ୍ତି ।

ବ୍ରହ୍ମପୁର ଅଫିସ,୨୩ା୧୨

ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ମଞ୍ଚାସୀନ ଥିଲେ। ଏଥିରେ ମୋଟ ୧୩୦ ଅଭିଯୋଗ ଶୁଣାଣି ହୋଇଥିବା ବେଳେ ସେଥିରୁ ୧୧୦ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏହାବ୍ୟତୀତ ୫ ଟି ବିଭିନ୍ନ ଗ୍ରାମଭିତ୍ତିକ ସମସ୍ୟାର ଅଭିଯୋଗର ଶୁଣାଣି ହୋଇଥିଲା । ୯୯ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ୧୫ ଜଣଙ୍କୁ ଜିଲା ରେଡକ୍ରସ୍ ପାଣ୍ଠିରୁ ୧୦,୮୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଉପଖଣ୍ଡ ଅଭିଯୋଗ ଶୁଣାଣି ନୋଡାଲ ଅଫିସର ବିନୋଦ କୁମାର ବେହେରା(ରାଜସ୍ୱ), ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ, ଜିଲା ଶିକ୍ଷାଧିକାରୀଙ୍କ ସମେତ ଜିଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ସମସ୍ତ ଅଧିକାରୀ, ତହସିଲଦାର ଉପସ୍ଥିତ ଥିଲେ।

### ଶୌଣ୍ଡିକ ସମାଜ କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ,୨୩ା୧୨

ଗଞ୍ଜାମ ଜିଲା ଶୌଣ୍ଡିକ ସମାଜ କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଠଗଡ ତାଲୁକା ସଭାପତି ନିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ବରିଷ୍ଠ ଆଇନଜୀବୀ ନିର୍ମଳ କୁମାର ସାହୁ ଯୋଗ ଦେଇଥିଲେ। ମହାନଗର ସମ୍ପାଦକ ଯୁଧିଷ୍ଠିର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜାନୁୟାରୀ ୧୧ରେ ଗଙ୍ଗାଧରେଶ୍ୱର ମନ୍ଦିର ପରିସରରେ ଜିଲା ଶୌଣ୍ଡିକ ସମାଜର ବାର୍ଷିକୋତ୍ସବ ପାଳନ ନେଇ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କୁନା ସାହୁ, ସୁରେନ୍ଦ୍ର ସାହୁ, ବିଜୟ କୁମାର ସାହୁ, ବାସୁଦେବ ସାହୁ, ବଳରାମ ସାହୁ, ରମା ରଞ୍ଜନ ସାହୁ, ହରିଶ୍ଚନ୍ଦ୍ର ସାହୁ, ଦେବେନ୍ଦ୍ର ବିଷୋୟୀ, ଦଣ୍ଡପାଣି ସାହୁ, ନଟବର ସାହୁ, ସୁବାସ ଚୌଧୁରୀ, ବୃନ୍ଦାବନ ସାହୁ ଓ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ସମାଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଦ୍ୱିତୀୟ ଦିବସରେ ବାଜିମାତ୍ କଲା ଅକ୍ସଫୋର୍ଡ ସ୍ପୋର୍ଟିଂ କ୍ଲବ

ବ୍ରହ୍ମପୁର ଅଫିସ,୨୩ା୧୨

**ବିନାୟକ ଆଚାର୍ଯ୍ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ଜୁନିୟର କ୍ରିକେଟ କ୍ଲବ ପକ୍ଷରୁ ବିନାୟକ ଅଚାର୍ଯ୍ୟ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ୪ର୍ଥ ବିନାୟକ ଆଚାର୍ଯ୍ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିବସରେ ଅକ୍ସଫୋର୍ଡ ସ୍ପୋର୍ଟିଂ କ୍ଲବ ଓ ଖଲ୍ଲିକୋଟ ବିଜାର୍ଡ଼ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଖଲ୍ଲିକୋଟ ଦଳ ପ୍ରଥମେ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା । ଫଳରେ ଅକ୍ସଫୋର୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଖେଳି ୮ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା । ଦଳପକ୍ଷରୁ ଜି. ନବୀନ ସର୍ବାଧିକ ୫୩ ରନ ସଂଗ୍ରହ କରିଥିବା ବେଳେ ଦେବାଶିଷ ମିଶ୍ର ୩୧ ରନ ସଂଗ୍ରହ କରିଥିଲେ । ପରବର୍ତ୍ତୀ ଇନିଂସରେ ଖଲ୍ଲିକୋଟ ଦଳ ୫ ଉଇକେଟ ହରାଇ ୧୫୪ ରନ କରିବାରେ ସମର୍ଥ ହୋଇଥିଲା । ଫଳରେ ଅକ୍ସଫୋର୍ଡ କ୍ଲବ ୨୪ ରନରେ ମ୍ୟାଚଟିକୁ ବାଜିମାତ କରିନେଇଥିଲା । ମ୍ୟାଚରେ ଖଲ୍ଲିକୋଟ ଦଳ ପକ୍ଷରୁ ରାଜୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା । ଏହି ମ୍ୟାଚକୁ ଅମ୍ପାୟାର ଭାବେ ରଞ୍ଜନ କୁମାର ସାହୁ, ଦୀନବନ୍ଧୁ ଚୌଧୁରୀ ଓ ସ୍କୋରର ଅନିଲ ପାଣିଗ୍ରାହୀ ପରିଚାଳନା କରିଥିଲେ ।

# ଷ୍ଟେଜ୍ ପୋଡ଼ି ମାମଲା: ବିଧାୟକ ରମେଶଙ୍କ ସମେତ ୬ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ ,୨୩ା୧୨

ଦକ୍ଷିଣ ଓଡ଼ିଶାର ସ୍ୱତନ୍ତ୍ର କୋର୍ଟ ତଥା ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ (ଏଡିଜେ) -୩ ନିରଞ୍ଜନ ଜେନା ସୋମବାର ଏକ ଷ୍ଟେଜ୍ ପୋଡି ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ୬ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାରୁ ପ୍ରକାଶ, ଟାଉନ ଥାନା ଅନ୍ତର୍ଗତ ଖଲ୍ଲିକୋଟ କଲେଜ ପଡ଼ିଆରେ ଟୁର୍ନାମେଣ୍ଟ ପାଇଁ ନିର୍ମିତ ହୋଇଥିବା ଏକ ଷ୍ଟେଜ୍ ପୋଡି ଦିଆଯାଇଥିଲା। ମାମଲାର ୬ ଅଭିଯୁକ୍ତ ସାନଖେମୁଣ୍ଡି ବିଧାୟକ ରମେଶ ତାଙ୍କ ବାପା ଅରକ୍ଷିତ, ରାଜେଶ ପାତ୍ର, ସଦାନନ୍ଦ ପଟ୍ଟନାୟକ, ରଞ୍ଜିତ ସାମନ୍ତରା ଓ ଫକୀର ଗୌଡ଼ ଗତ ଶୁକ୍ରବାର କୋର୍ଟରେ ହାଜର ହୋଇଥିଲେ। କୋର୍ଟରେ ସମସ୍ତ ଅଭିଯୁକ୍ତ ଦେଇଥିବା ବୟାନକୁ ରେକର୍ଡଭୁକ୍ତ କରାଯାଇଥିଲା। ଘଟଣାରୁ ପ୍ରକାଶ, ୨୦୧୭ ଜାନୁୟାରୀ ୭ ରାତିରେ ଖଲ୍ଲିକୋଟ କଲେଜ ପଡ଼ିଆରେ ନିର୍ମାଣ ହୋଇଥିବା ଷ୍ଟେଜକୁ ପୋଡି ଦିଆଯାଇଥିଲା। ଏନେଇ ଆୟୋଜକ ମୁନା ଜେନା ଟାଉନ ଥାନାରେ ଅଭିଯୋଗ କରିଥିଲେ। ସେହି ସମୟରେ ରମେଶ ମଣ୍ଡଳ କାରାଗାରରେ ଥିବା ବେଳେ ସେ ଘଟଣାର ମାଷ୍ଟରମାଇଣ୍ଡ ଦର୍ଶାଇ ତାଙ୍କ ବିରୋଧରେ ପୋଲିସ କୋର୍ଟରେ ରିମାଣ୍ଡ ରିପୋର୍ଟ ଦାଖଲ କରିଥିଲା। ପୂର୍ବରୁ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇସାରିଛି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ବିଷୋୟୀ, ନିର୍ମଳ ସାହୁ, ସୁଧାଂଶୁ ପଣ୍ଡା, ପ୍ରଦୀପ ବେହେରା ଓ ସରୋଜ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

■ ଓଡ଼ିଶା ପରିବେଶ କଂଗ୍ରେସ ଅଧିବେଶନ

# ପରିବେଶବିତ୍ ସୁଧୀରଙ୍କୁ 'ଗ୍ରୀନ୍ ଆମ୍ୱାସାଡର' ସମ୍ମାନ

ବ୍ରହ୍ମପୁର ଅଫିସ,୨୩ା୧୨

ଓଡ଼ିଶା ପରିବେଶ କଂଗ୍ରେସର ୧୦ମ ଅଧିବେଶନ ତଥା ପରିବେଶ ଓ ଖଣି ଶୀର୍ଷକ ଆଲୋଚନାଚକ୍ରରେ ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଅଧକ୍ଷ ସୁଧୀର କୁମାର ରାଉତ ସମ୍ମାନିତ ହୋଇଛନ୍ତି। ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ରାଉତଙ୍କୁ 'ଗ୍ରୀନ ଆମ୍ୱାସାଡ଼ର' ପୁରସ୍କାରରେ ସମ୍ମାନିତ କରାଯାଇଛି। ଓଡ଼ିଶା ପରିବେଶ କଂଗ୍ରେସର ୧୦ ଅଧିବେଶନ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟରେ ଆୟୋଜିତ ହୋଇଥିଲା । ଡିସେମ୍ବର ୨୦ରୁ ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ଉଦ୍‌ଯାପନୀ ଦିବସରେ ରାଉତଙ୍କୁ ଅନୁଷ୍ଠାନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଜଗଦାନନ୍ଦ ଅଧକ୍ଷତା କରିଥିଲେ । ପରିବେଶ କଂଗ୍ରେସ ଆବାହକ ସୁଦର୍ଶନ ଦାଶ, ପୂର୍ବତନ ପ୍ରଶାସକ ଅରବିନ୍ଦ ବେହେରା, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଉତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ସଭ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, ସ୍ୱରାଜ ସୁବୁଦ୍ଧି, ସୁଶାନ୍ତ ମହାନ୍ତି, ସବିତା ସାହୁକାର, ବାସୁଦେବ ସାହୁକାର, ପ୍ରସନ୍ନ ସାହୁଙ୍କ ସମେତ ୧୫ ସଦସ୍ୟ ଯୋଗ ଦେଇଥିଲେ ।


ପରିବେଶବିତ୍ ସୁଧୀର ରାଉତ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ବକ୍ସିଂ ପ୍ରତିଯୋଗିତା

# ଭାଗନେବାକୁ ୯ ଜଣିଆ ପୁରୁଷ ଦଳର ମିରଟ ଗସ୍ତ

ବ୍ରହ୍ମପୁର ଅଫିସ,୨୩ା୧୨

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ପୁରୁଷ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ୯ ଜଣ ପୁରୁଷ ବକ୍ସିଂ ଦଳ ସୋମବାର ବ୍ରହ୍ମପୁରରୁ ମୀରଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରତିଯୋଗୀମାନେ ଚୌଧୁରୀ ଚରଣ ସିଂ ବିଶ୍ୱବିଦ୍ୟାଳୟ ମିରଟ ଦ୍ୱାରା ଗଗପାଟରେ ଆସନ୍ତା ୨୬ ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ଆୟୋଜିତ ବକ୍ସିଂ ପ୍ରତିଯୋଗୀତାରେ ଭାଗନେବେ । ଖେଳାଳିଙ୍କ ମଧ୍ୟରେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଅଜୟ ସାହୁ ୪୯ କେଜି, ବିକ୍ରମ ନାଏକ ୫୭ କେଜି, ବିକ୍ରମ କୁମାର ପୃଷ୍ଟି ୬୦ କେଜି, ଅଂଶୁମାନ ଜେନା ୬୩ କେଜି, ରୋହିତ କୁମାର ନାୟକ ୭୫ କେଜି, ଗୋପାଳପୁର ଡିଗ୍ରୀ ମହାବିଦ୍ୟାଳୟର ଆକାଶ ଗୌଡ଼ ୬୯ କେଜି, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁରର ବିବେକାନନ୍ଦ ନାହାକ ୬୯ କେଜିରେ ଭାଗନେବେ । ଖେଳାଳିମାନେ ବରିଷ୍ଠ ଜାତୀୟ ବକ୍ସିଂ ପ୍ରଶିକ୍ଷକ ଶିଶିର କୁମାର ପାଣିଗ୍ରାହୀ, କେ. ପ୍ରଭାକର ରାଓ ଓ ଶିବରାମ ପାତ୍ରଙ୍କ ଅଧୀନରେ ତାଲିମ ନେଇଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର, କୁଳସଚିବ କିଶୋର ଚନ୍ଦ୍ର ଦାଶ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ, କ୍ରୀଡ଼ା ପରିଷଦ ସମ୍ପାଦକ ଡ଼. ମନୋଜ କୁମାର ପଣ୍ଡା, ସହ ସମ୍ପାଦକ ମହେନ୍ଦ୍ର କୁମାର ବେହେରା, ନେହା ପାଣ୍ଡେ ଓ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।


ବକ୍ସିଂ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ପ୍ରତିଯୋଗୀ ।

## ସଂକ୍ଷେପରେ

### ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା ବୈଠକ

**ଫୁଲବାଣୀ ଅଫିସ, ୨୩।୧୨:** କନ୍ଧମାଳ ଜିଲାସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ସୁବାସ ନିମାଲ ଯୋଗଦେଇ ବିବରଣୀ ପ୍ରଦାନ କରିଥିଲେ । ଗତ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ମହିଳା ସିଲାଇ ଶିକ୍ଷା, ପାମ୍ପଡ଼, ଆଚାର ଓ ମସଲା ପ୍ରସ୍ତୁତି, ପନିପରିବା ନର୍ସରୀ ପରିଚାଳନା ଓ ଚାଷ, ଛତୁ ଚାଷ, ଛେଳି ପାଳନ ଆଦି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ୨୪୪ ଜଣଙ୍କୁ ସାମିଲ କରାଯାଇ ଜାତୀୟ ଗ୍ରାମୀଣ ଜୀବିକା ମିଶନ ତରଫରୁ ୨୦୭ଜଣଙ୍କୁ ତାଲିମ ଦିଆଯାଇଛି। ସେଥିପାଇଁ ଖାଦ୍ୟ, କିଟ୍, ପାରିତୋଷିକ ବାବଦକୁ ୫ ଲକ୍ଷ ୬୨ ହଜାର ୬୪୦ ଟଙ୍କା ବ୍ୟୟ କରାଯାଇଛି। ବିଦ୍ୟୁତ୍, ଟେଲିଫୋନ୍, ପୋଷ୍ଟେଜ୍, ପରିଭ୍ରମଣ, ବିବିଧ ଓ ଲିଖନ ସାମଗ୍ରୀ ବାବଦରେ ୪ ଲକ୍ଷ ୧୦ ହଜାର ୬୬୪ ଟଙ୍କା ବ୍ୟୟ କରାଯାଇଛି। ଦରମା ଓ ସେବାକର ବାବଦରେ ୨ ଲକ୍ଷ ୮୭ ହଜାର ୯୮୮ ଟଙ୍କା ବ୍ୟୟ ହୋଇଛି। ଏହି ଅନୁଷ୍ଠାନ ପ୍ରତିଷ୍ଠା ହେବା ଦିନଠାରୁ ଗତ ସେପ୍ଟେମ୍ବର ସୁଦ୍ଧା ତାଲିମପ୍ରାପ୍ତ ୬୪ ପ୍ରତିଶତ ଆତ୍ମନିଯୁକ୍ତି ପାଇଛନ୍ତି। ୨୦୧୯-୨୦୨୦ ଆର୍ଥିକ ବର୍ଷରେ ୫୬ ପ୍ରତିଶତ ଆତ୍ମନିଯୁକ୍ତି ପାଇଥିବା ବେଳେ ୫୩ ପ୍ରତିଶତ ବ୍ୟାଙ୍କ ଋଣ ନେଇଛନ୍ତି। ଏହି ଅନୁଷ୍ଠାନ ୬୫୯ ଜଣଙ୍କୁ ତାଲିମ ଦେଇଛି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ବିକ୍ରମ କେଶରୀ ମାନ୍ଧାତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଦଣ୍ଡାସୀ କୁଳ ମହାସଂଘର ଅଭିଯୋଗ

**ବ୍ରହ୍ମପୁର ଅଫିସ, ୨୩।୧୨:** ପୁରୁଣା ବ୍ରହ୍ମପୁର ଜଗବନ୍ଧୁ ସାହି ବାସିନ୍ଦା ଦଣ୍ଡାସୀ କୁଳ (ଅନୁସୂଚିତ ଜାତି)ର ଦୁଇ ମହିଳା ଶଶୀ ନାୟକ ଓ ମଲି ନାୟକଙ୍କ ପୈତୃକ ସମ୍ପତ୍ତିକୁ ଆଗାସାହିର ଦୁଇ ସବର୍ଣ୍ଣ ଜାତିର ସ୍ୱାମୀ ଓ ସ୍ତ୍ରୀ ବେଆଇନ ଭାବେ ଜବରଦସ୍ତ ଦଖଲ କରିବା ଷଡ଼ଯନ୍ତ୍ର ଚଳାଇଛନ୍ତି। କେବଳ ସେତିକି ନୁହେଁ, ଜମି ଓ ଘର ପଟ୍ଟା ନେଇ ସେମାନଙ୍କ ନାମରେ କରିନେବାକୁ ପଦକ୍ଷେପ ନେଇଛନ୍ତି। ପ୍ରତିବାଦ କଲେ ଧମକ ଚମକ ଦେଉଛନ୍ତି। ଗଞ୍ଜାମ ଜିଲା ଦଣ୍ଡାସୀ କୁଳ ମହାସଂଘ ପକ୍ଷରୁ ଏହି ଅଭିଯୋଗ ହୋଇଛି। ସୋମବାର ବ୍ରହ୍ମପୁରରେ ଅନୁଷ୍ଠିତ ଗଞ୍ଜାମ ଜିଲାପାଳଙ୍କ ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ବେଳେ ଉପରୋକ୍ତ ମର୍ମରେ ଅଭିଯୋଗ କରାଯାଇଛି। ଅଭିଯୋଗକାରୀଙ୍କ ସହ ମହାସଂଘ ସଭାପତି ଭିକାରୀ ନାୟକଙ୍କ ସମେତ ପୂର୍ବତନ ସଭାପତି ଗୋପୀନାଥ ପଣ୍ଡା, ଉପଦେଷ୍ଟା ପ୍ରହଲ୍ଲାଦ ନାୟକ ଓ ଅଞ୍ଚଳର କେତେକ ମହିଳା ଓ ପୁରୁଷ ଯାଇଥିଲେ। ଉପଯୁକ୍ତ ତଦନ୍ତ କରି ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଥିଲା। ହଡ଼ପକାରୀମାନେ ଧମକ ଦେଇ ଭୟଭୀତ କରୁଥିବାରୁ ସୁରକ୍ଷା ଯୋଗାଇବା ପାଇଁ ଦାବି କରାଯାଇଛି।

### ଶିକ୍ଷା ମହାବିଦ୍ୟାଳୟର ସାମ୍ବତ୍ସରିକ ସମାରୋହ

**ବ୍ରହ୍ମପୁର ଅଫିସ, ୨୩।୧୨:** ବ୍ରହ୍ମପୁର ମହାନଗର ଉପକଣ୍ଠ ଆଙ୍କୁଶପୁର ଶ୍ୟାମନଗରେ ସ୍ଥିତ ଶିକ୍ଷା ବାଣିଜ୍ୟ ମହାବିଦ୍ୟାଳୟର ଦଶମ ସାମ୍ବତ୍ସରିକ ସମାରୋହ ୨୦୧୯ ରବିବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ କେ. ରଞ୍ଜନ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ଗୌରୀଶଙ୍କର ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ମୁଖ୍ୟବକ୍ତା, କୋଲକାତାର ସିଏସିଏମଏ ସତୀଶ ଜଲାନ ଓ ଟ୍ୟାକ୍ସଗୁରୁ ନିକୁଞ୍ଜ ଗୋଏଙ୍କା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅଧ୍ୟକ୍ଷ କେ. ରଞ୍ଜନ ପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ଭବିଷ୍ୟତ ଜୀବନ ସମ୍ପର୍କରେ ମୁଖ୍ୟଅତିଥି ପ୍ରଫେସର ଲାଲ ଆଲୋକପାତ କରିଥିଲେ । ଅଧ୍ୟୟନରେ ଅନୁବ୍ରତୀ ହେବା ସହ ପ୍ରତ୍ୟେକ ଉତ୍ତମ ମଣିଷ ହେବାକୁ ମୁଖ୍ୟବକ୍ତା ଡ. ଓଝା କହିଥିଲେ । ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ବିଦ୍ୟାର୍ଥୀମାନେ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ସମେତ ଦୁଇରୁ ଅଧିକ ଭାଷାରେ ସମଦକ୍ଷତା ପ୍ରତିପାଦନ କରିବା ଆବଶ୍ୟକ ବୋଲି ମୁଖ୍ୟବକ୍ତା କହିଥିଲେ । ମାନସ ରଞ୍ଜନ ଶତପଥୀ ଓ ସୁଧାଂଶୁ ପଣ୍ଡା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

■ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କୁ ଶୋଷଣ ଅଭିଯୋଗ

# ପାର୍କିଂ ପାଇଁ ଶତାଧିକ ଟଙ୍କା ଆଦାୟକୁ ବିରୋଧ

**ଦାରିଙ୍ଗବାଡ଼ି, ୨୩।୧୨ (ଡି.ଏନ୍.ଏ.)**

ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ତେବେ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକରେ ଗାଡ଼ି ପାର୍କିଂ ପାଇଁ ଶହ ଶହ ଟଙ୍କା ଆଦାୟ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ମିଡ଼ିୟୁବାନ୍ଧା ଜଳପ୍ରପାତ ସମେତ କିରିକୁଟିଠାରେ ଥିବା ନେଚର ଲଭର୍ସ ପଏଣ୍ଟ, ଡୁଲୁରୀ ପାଇନ ବଣରେ ବେଆଇନ ପାର୍କିଂ ପାଇଁ ଅର୍ଥ ସଂଗ୍ରହ କରି ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି ଏହି ସମସ୍ୟାର ସମାଧାନ କରାନଗଲେ ଆଗକୁ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ଆଲୋଚନା ହେଉଛି।

ଦାସିଂବାଡ଼ିରେ ଥିବା ମିଡ଼ିୟୁବାନ୍ଧା ଜଳପ୍ରପାତର ୫ଶହ ମିଟର ଦୂରରୁ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଗତ ୪ ବର୍ଷ ହେଲା ପାର୍କିଂ ଫି ସଂଗ୍ରହ କରାଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ କୌଣସି ଅନୁମତି ଦିଆଯାଇ ଥିବା ଜଣାପଡିଛି। ସ୍ୱୟଂ ସହାୟକ



ମିଡ଼ିୟୁବାନ୍ଧାକୁ ଯିବା ବାଟରେ ପାର୍କିଂ ଅର୍ଥ ଆଦାୟ କରାଯାଉଛି ।

ଗୋଷ୍ଠୀ ପକ୍ଷରୁ ପଞ୍ଚାୟତକୁ ବାର୍ଷିକ ୧୨ ହଜାର ଟଙ୍କା ପ୍ରଦାନ କରିବାକୁ ଚୁକ୍ତିନାମା କରାଯାଇଥିବା ଅଭିଯୋଗ ହେଉଛି । ଏଠାରେ ବାଇକ ପିଛା ୨୦ ଟଙ୍କା ଆଦାୟ କରାଯାଉଥିବା ବେଳେ ଅଟୋ ୪୦ ଟଙ୍କା, ଚାରିଚକିଆ ଯାନ ୬୦ ଟଙ୍କା ଏବଂ ବସ୍ ପାର୍କିଂ ବାବଦକୁ ଶହେ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ହେଲେ ଗାଡି ରଖିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନି। ଏ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ତଥା ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ସମ୍ପାଦିକା ବିଷ୍ଣୁପ୍ରିୟା ମୁଠାମାଝି କହିଛନ୍ତି, ମୋଟ ୩୨ଟି ମହିଳା ସଂଘ ଏହି ପାର୍କିଂ ଫି' ଆଦାୟ ଦାୟିତ୍ୱରେ ରହିଛନ୍ତି। ହେଲେ ବର୍ଷକୁ ଥରେ ପରିବର୍ତ୍ତନ କରାଯାଇ ମାତ୍ର ୯ଟି ଗ୍ରୁପରୁ ଜଣେ ଲେଖାଏ ୯ ଜଣ ଦୈନିକ ଏହି ଫି' ଆଦାୟ ଦାୟିତ୍ୱରେ ରହି କାର୍ଯ୍ୟ କରୁଛନ୍ତି। ପାର୍କିଂ ଫି' ଧାର୍ଯ୍ୟ କରିବାକୁ ମହିଳା ସଂଘ ପକ୍ଷରୁ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଗଲାନି। ତେଣୁ ସରପଞ୍ଚ ସଙ୍ଗୀତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବୈଠକ କରି ଦର ଧାର୍ଯ୍ୟ କରାଯାଇଛି। ପଞ୍ଚାୟତକୁ ମହିଳା ସଂଘ ବାର୍ଷିକ ୧୨ ହଜାର ଟଙ୍କା ପ୍ରଦାନ କରିବ ବୋଲି ନିଷ୍ପତ୍ତି ହୋଇଛି । ଅନ୍ୟପକ୍ଷରେ ମହିଳା ସଂଘ ପାର୍କିଂ ଅର୍ଥରୁ ପର୍ଯ୍ୟଟନ କେନ୍ଦ୍ର ସଫେଇ ଓ ସେମାନଙ୍କ ପାରିଶ୍ରମିକ ବାବଦକୁ ଖର୍ଚ୍ଚ ହେଉଛି ବୋଲି ବିଷ୍ଣୁପ୍ରିୟା କହିଛନ୍ତି। ସୂଚନାଯୋଗ୍ୟ, ଦାରିଙ୍ଗବାଡ଼ିର କେବଳ ନେଚର ପାର୍କ ଜଙ୍ଗଲ ଓ ପରିବେଶ ବିଭାଗ ହାତରେ ରହିଛି। ଅନ୍ୟ ସମସ୍ତ ପର୍ଯ୍ୟଟନ କେନ୍ଦ୍ର ପଞ୍ଚାୟତ ସମିତି ଅଧୀନରେ ଅଛି। ୨୦୧୫ ମସିହାରୁ ସମସ୍ତ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ଏକ ସାଞ୍ଚାସରୁ ଉନ୍ନୟନ ଟ୍ରଷ୍ଟ ଗଠନ କରାଯାଇଛି। ହେଲେ କେଉଁ ପରିସ୍ଥିତିରେ ଟ୍ରଷ୍ଟ ବଦଳରେ ସ୍ୱୟଂ ସହାୟକ ଗୋଷ୍ଠୀ ଏଭଳି ପାର୍କିଂ ଅର୍ଥ ସଂଗ୍ରହ କରୁଛନ୍ତି ତାହା ପ୍ରଶ୍ନବାଚୀ ହୋଇଛି । ଏ ନେଇ ସାଞ୍ଚାସରୁ ଟ୍ରଷ୍ଟର ନୋଡାଲ ଅଫିସର ତଥା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ବୁରୁ ମାଝି ପତ୍ରା ତଦନ୍ତ କରି ବିଡିଓଙ୍କୁ ରିପୋର୍ଟ ଦେଇଥିବା କହିଛନ୍ତି।

# ଶୃଙ୍ଖଳା ଉତ୍ତମ ଭବିଷ୍ୟତ ଗଠନର ପ୍ରଥମ ପାହାଚ

**ରାଇକିଆ, ୨୩।୧୨ (ଡ଼ି.ଏନ.ଏ)**

ଶୃଙ୍ଖଳିତ ଛାତ୍ର ଜୀବନ ଉତ୍ତମ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ । ଏହା ହିଁ ସଫଳତାର ପ୍ରଥମ ପାହାଚ ଏବଂ ମୂଳଦୁଆ ବୋଲି ଶନିବାର ରାଇକିଆ ସରସ୍ୱତୀ ଶିଶୁ ମନ୍ଦିରର ୨୪ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପରିଚାଳନା କମିଟି ସଭାପତି ରାମକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବିଡ଼ିଓ ପ୍ରବୀଣ କୁମାର ବାଣୁଆ, ଥାନା ଅଧିକାରୀ ଅଲେଖ ଗରଡ଼ିଆ, ସରପଞ୍ଚ ପଞ୍ଚୁ ପ୍ରଧାନ ଯୋଗ ଦେଇଥିଲେ । ଫୁଲବାଣୀ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦାମ ଚରଣ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଯୁଗ୍ମ ସମ୍ପାଦକ ତ୍ରିଲୋଚନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ହରିହର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ପାଦକ ସତ୍ୟବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ପୁରସ୍କାର ପ୍ରଦାନ କରାଯାଉଛି ।

ବଡ଼ଦିନ ପାଇଁ ବ୍ରାହ୍ମଣୀଗାଁ ଉତ୍ସବମୁଖର

# ସାପ୍ତାହିକ ହାଟରେ ଭିଡ଼



ବ୍ରାହ୍ମଣୀଗାଁ ସାପ୍ତାହିକ ହାଟରେ ଭିଡ଼, ପୋଲିସ ପାଟ୍ରୋଲିଂ କରୁଛି ।

**ଦାରିଙ୍ଗବାଡ଼ି/ ବ୍ରାହ୍ମଣୀଗାଁ, ୨୩।୧୨ (ଡି.ଏନ.ଏ)**

ବୁଧବାର ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ବଡ଼ଦିନ ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରାର୍ଥନା ଗୃହ ଓ ଚର୍ଚ୍ଚକୁ ସଜାଯାଇଛି । ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବଡ଼ଦିନ ପାଇଁ ସରକାରୀ, ବେସରକାରୀ ସ୍କୁଲ, କଲେଜ ଛୁଟି ହୋଇଛି । ବିଭିନ୍ନ ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରୀଛାତ୍ର ଘରକୁ ଫେରିଛନ୍ତି। ସେହିପରି ଜିଲା ତଥା ରାଜ୍ୟ ବାହାରେ କାମ କରୁଥିବା ଅଞ୍ଚଳବାସୀ ମଧ୍ୟ ନିଜ ଘରକୁ ପାଇଁ ଫେରିଛନ୍ତି। ଘରେ ଘରେ ପିଠାପଣା ପାଇଁ ପ୍ରସ୍ତୁତି ସହ ନୂଆ ପୋଷାକ, ଘରୋଇ ବ୍ୟବହାର ସାମଗ୍ରୀ କିଣାଯାଉଛି । ତେଣୁ ପୋଷାକ ଦୋକାନଠାରୁ ଆରମ୍ଭ କରି ଗିଫ୍ଟ, ରାଶନ, ଜୋତା ଦୋକାନରେ ଭିଡ଼ ଦେଖିବାକୁ ମିଳିଛି । ବ୍ରାହ୍ମଣୀଗାଁରେ ସୋମବାର ସାପ୍ତାହିକ ହାଟ ରହିଥିବାରୁ ପ୍ରାୟ ୩୦ ହଜାର ଲୋକ କିଣାବିକା ପାଇଁ ଆସିଥିବା ଅନୁମାନ କରାଯାଉଛି। ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ୮ ପଞ୍ଚାୟତ ଯଥା କାଟିଙ୍ଗିଆ, ଗଦାପୁର, ଝଡ଼ିଗିଗୁଡ଼ା, କୁମ୍ଭାରିଗାଁ, ହାତିମୁଣ୍ଡା, ତାଜୁଙ୍ଗିଆ, ସରାମୁଲି ସମେତ ପଡ଼ୋଶୀ ଗଜପତି ଜିଲା ମୋହନା ବ୍ଲକର କଟାମାହା, ପାଣିଗଣ୍ଡା, ଆଲିଗଣ୍ଡା ଆଦି ଅଞ୍ଚଳରୁ ଲୋକେ ଏହି ହାଟକୁ ଆସିଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ସଂଗ୍ରାମ ଜେନା ସଦଳବଳ ପାଟ୍ରୋଲିଂ କରିଥିଲେ । ବଡ଼ଦିନ ପାଇଁ ବିଭିନ୍ନ ଚର୍ଚ୍ଚରେ ପୋଲିସ ପକ୍ଷରୁ ଅତିରିକ୍ତ ୩ ପ୍ଲାଟୁନ ଫୋର୍ସ ଉପସ୍ଥିତ ରହିବେ ବୋଲି ଥାନା ଅଧିକାରୀ ମୁନି କହିଛନ୍ତି।

## ଗୋପାଳ କୃଷ୍ଣ ସାହିତ୍ୟ ସଂସଦର ସାହିତ୍ୟ ଆସର

**ବ୍ରହ୍ମପୁର ଅଫିସ, ୨୩।୧୨**

ବ୍ରହ୍ମପୁର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଗୋପାଳ କୃଷ୍ଣ ସାହିତ୍ୟ ସଂସଦ ମାସିକ ସାହିତ୍ୟ ଅସାର ସୋମବାର ଅନୁଷ୍ଠିତ ହୋଇଯାଇଛି । ଗୋପାଳ କୃଷ୍ଣ ଡାକୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର ଯୋଗଦେଇ ଭାଷା ଓ ପୁସ୍ତକ ଉପରେ ଆଲୋଚନା କରିଥିଲେ । ଡା. ଚନ୍ଦ୍ରମଣି ସ୍ୱାଇଁ , ସମ୍ମାନିତ ବକ୍ତା, ଡ଼. ବନମାଳୀ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଜୟ କୁମାର ପାଢୀ, ଦେବୀ ପ୍ରସାଦ ମହାପାତ୍ର, ବିଚିତ୍ରା ନନ୍ଦ ବେବର୍ତ୍ତା, ଭିକାରି ମହାପାତ୍ର ଯୋଗ ଦେଇଥିଲେ । କବିତା ଆସରକୁ ସୌଦାମିନୀ ମିଶ୍ର ସଂଯୋଜନା କରିଥିଲେ । କବି ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଗୋଦାବରୀଶ ଦାସ, ଡ. ଲକ୍ଷ୍ମୀକାନ୍ତ ଦାସ, ଜ୍ୟୋତ୍ସ୍ନା ରାଣୀ ସ୍ୱାଇଁ, ଗଗନ ବେହେରା, ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ସାହୁ, ଉତ୍ତର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ରଚିତ କବିତା ପାଠ କରିଥିଲେ । କିରଣବାଳା ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ ଭଉଣୀଭାଇ

**ଖଜୁରିପଡ଼ା (ଡି.ଏନ.ଏ.)/ ବଲସକୁମ୍ପା, ୨୩।୧୨**

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ଛନ୍ଦୁରୁପଦର (ଆମ୍ବସାହି) ଗ୍ରାମର ଭାଇ ସତ୍ୟବାନ ପ୍ରଧାନ ଏବଂ ଭଉଣୀ ବିଦ୍ୟୁତପ୍ରଭା ପ୍ରଧାନ ଭିନ୍ନକ୍ଷମ। ସରକାରଙ୍କ ତରଫରୁ ସତ୍ୟବାନଙ୍କୁ ୭୫% ଓ ବିଦ୍ୟୁତ୍‌ପ୍ରଭାଙ୍କୁ ୫୦% ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ହେଲେ ଭତ୍ତା ମିଳୁନାହିଁ। ଭତ୍ତା ପାଇଁ ପଞ୍ଚାୟତ ଅଫିସ, ବ୍ଲକ ଅଫିସ ଓ ଜିଲା ଅଫିସକୁ ଧାଇଁ ଧାଇଁ ସୁଫଳ ମିଳୁନାହିଁ। ବାପା ବୀରେନ୍ଦ୍ର ଗୋରୁ ଚରାଇ ଓ ମା' ମୂଲଲାଗି ବହୁ କଷ୍ଟରେ ପରିବାର ଚଳାଉଛନ୍ତି। ବାପା ବିରେନ୍ଦ୍ର ପୁଅ, ଝିଅଙ୍କ ପାଇଁ ଭିନ୍ନକ୍ଷମ ଭତ୍ତା ନିମନ୍ତେ ୱାର୍ଡମେମ୍ବର ବାଲ୍ମିକୀ କହଁରଙ୍କ ଜରିଆରେ ପଞ୍ଚାୟତ ଅଫିସ ଓ ବ୍ଲକ ଅଫିସକୁ ଯାଇ ଆବେଦନ କରିଛନ୍ତି। ୱାର୍ଡମେମ୍ବର ବାଲ୍ମିକୀ କହଁରଙ୍କ କହିବା ଅନୁଯାୟୀ ପ୍ରାୟ ୮/୯ ମାସ ହେଲାଣି ଭତ୍ତା ଆବେଦନ କରିଥିଲେ ମଧ୍ୟ ମିଳୁନାହିଁ। ଏନେଇ ବଲସକୁମ୍ପା ସରପଞ୍ଚ ଅଜୟ ମଲ୍ଲିକଙ୍କ ପଚାରିବାରୁ, ଆବେଦନ ଫର୍ମ ବ୍ଲକକୁ ପଠାଯାଇଛି। ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବୁ ବୋଲି କହିଥିଲେ। ପରେ ଖଜୁରିପଡ଼ା ବିଡିଓଙ୍କ ରବୀନ୍ଦ୍ର କହଁରଙ୍କୁ ପଚାରିବାରୁ କାଗଜପତ୍ର ଯାଞ୍ଚ ପରେ ତଦନ୍ତ କରି ଯଥାଶୀଘ୍ର ଭିନ୍ନକ୍ଷମ ଭତ୍ତା ପ୍ରଦାନ ବ୍ୟବସ୍ଥା କରିବୁ ବୋଲି କହିଥିଲେ।



ଭିନ୍ନକ୍ଷମ ଭଉଣୀଭାଇ ।

# ଫୁଟବଲ ଟୁର୍ନାମେଣ୍ଟ, ଛିଟିକାପଡି ଟିମ୍ ଚାମ୍ପିୟନ

**ଫିରିଙ୍ଗିଆ, ୨୩।୧୨**

ଫିରିଙ୍ଗିଆ ଟିକ୍ରିଗାଁ ଛତ୍ରପତି ଶିବାଜୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଫାଇନାଲରେ ଟାଇବ୍ରେକର ଜରିଆରେ ଛିଟିକାପଡି ଟିମ୍ ୫-୪ ଗୋଲରେ ବବଡିଙ୍ଗିଆକୁ ହରାଇ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ୧୨ ଟିମ ଭାଗ ନେଇଥିଲେ । ତଣ୍ଡେଶ୍ୱର କହଁର ରେଫରି ଦାୟିତ୍ୱରେ ଥିଲେ । ମୁଖ୍ୟଅତିଥି ଭାବେ ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମ ସୁନ୍ଦର ରାଓ, ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ନବଘନ ସାହୁ, ସରପଞ୍ଚ ବିଶ୍ୱରଞ୍ଜନ କହଁର ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ଯୁବକ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ଧମାଳ ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସାମ୍ବାଦିକତା କ୍ଷେତ୍ରରେ ସୁବ୍ରତ କୁମାର ମହାନ୍ତି, ନାଟ୍ୟ ନିର୍ଦ୍ଦେଶନା ମହାଦେବ ସାହୁ, କବି ଓ ଲେଖକ ଅକ୍ଷୟ କୁମାର କର୍ଣ୍ଣ ଏବଂ ଦଶରଥ ହେମ୍ବ୍ରମ, ଦକ୍ଷ ପୋଲିସ ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମ ସୁନ୍ଦର ରାଓ, କୀର୍ତ୍ତନ ଗୁରୁ ଶରତ ଚନ୍ଦ୍ର ବିଶ୍ୱାଳ, ନଦିଆ ଗୁରୁ ଶୁକଦେବ କହଁର, ସମାଜ ସେବା ପାଇଁ ସଞ୍ଜୟ କୁମାର ଦିଗାଳ, ଅଜିତ କୁମାର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମହିଳାଙ୍କୁ ରୋଜଗାର ଦେଇଛି ମାଳ ଜିନିଷ

**ଦାରିଙ୍ଗବାଡ଼ି, ୨୩।୧୨ (ଡି.ଏନ.ଏ)**

ଦାରିଙ୍ଗବାଡ଼ିରେ ଏବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ଥାନୀୟ ମାଳ ଜିନିଷ ବିକ୍ରିବଟା ସ୍ୱାବଲମ୍ବୀ କରିପାରିଛି । ଏଠାକୁ ଦୈନିକ ହଜାର ହଜାର ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ପୂର୍ବରୁ କେବଳ କଫି ବଗିଚା ପରିସରରେ କଫି ଏବଂ ଗୋଲମରିଚ ବିକ୍ରି ହେଉଥିବା ଦେଖାଯାଉଥିଲା । ହେଲେ ଚଳିତବର୍ଷଠାରୁ ବିକ୍ରିବଟାରେ ପରିବର୍ତ୍ତନ ଆସିଛି । ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ପର୍ଯ୍ୟଟନ କେନ୍ଦ୍ର କଫି ବଗିଚା, ନେଚରପାର୍କ, ହିଲ୍‌ଭିୟୁ ପାର୍କର ମୁଖ୍ୟ ଫାଟକରେ ଏବେ କଞ୍ଚା ହଳଦୀ ସମେତ ହଳଦୀ ଗୁଣ୍ଡ, ସୋରିଷ, ଧଳା ସୋରିଷ, ମାଣ୍ଡିଆ ଚୂନା, ପ୍ରସ୍ତୁତ କରାଯାଇଥିବା ସ୍ଥାନୀୟ କଫି ଗୁଣ୍ଡ, କାନ୍ଦୁଲ ଡାଲି, କୋଳଥ ଡାଲି, କାଙ୍ଗୁ, କୁଏରୀ, ଲଙ୍କାଗୁଣ୍ଡ, ଆମ୍ବୁଲ, ମସଲା ଗୁଣ୍ଡ, ବଡ଼ି, ପାମ୍ପଡ଼, ଆଚାର, ବାଦାମ ଆଦି ବିକ୍ରି କରି ଭଲ ରୋଜଗାର କରୁଛନ୍ତି। ଦିନକୁ ୨୦ରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରିବଟା ହୋଇପାରୁଥିବା ମହିଳା ସଂଘର ସଦସ୍ୟ ଲତାଞ୍ଜଳୀ ସାହୁ, ଝରଣା ସାହୁ ପ୍ରମୁଖ କହଛନ୍ତି। ଏହି ବ୍ୟବସାୟ କରୁଥିବା ମହିଳାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି ।



ମହିଳାମାନେ କଫି ବଗିଚା ସମ୍ମୁଖରେ ମାଳ ସାମଗ୍ରୀ ବିକ୍ରି କରୁଛନ୍ତି।

# ସହରଠୁ ୩ କି.ମି. ଦୂର ଗୁମିକୁ ରାସ୍ତା ନାହିଁ

**ଫୁଲବାଣୀ ଅଫିସ, ୨୩।୧୨**

ବିଶ୍ୱାସ ହେଉ ନ ଥିଲେ ବି ସତ୍ୟ। ଫୁଲବାଣୀ ସହରଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଗାଁ ଗୁମିକୁ ସବୁଦିନିଆ ପକ୍କା ରାସ୍ତା ନାହିଁ। ଲୋକେ ଯାତାୟତ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବର୍ଷା ଦିନେ ଏହା ଫୁଲବାଣୀ ସହରରୁ ଏକପ୍ରକାର ବିଚ୍ଛିନ୍ନ ହୋଇଯାଉଛି। ଗ୍ରାମରେ ଅନ୍ୟ ସୁବିଧା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିଲେ ହେଁ, ପ୍ରମୁଖ ସମସ୍ୟା ରାସ୍ତା ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ କ୍ଷୋଭ। ଖାଲି ନିର୍ବାଚନବେଳେ ସବୁ ପ୍ରତିଶ୍ରୁତି, ସରିଗଲେ କାହାରି ପାଦ ଏଠାରେ ପଡେନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଫୁଲବାଣୀ ସହରଠାରୁ ଗୁମି ପାଖ ହୋଇଥିଲେ ମଧ୍ୟ ଏହା ଖଜୁରିପଡା ବ୍ଲକ ପିରିକୁଡି ପଞ୍ଚାୟତରେ



ଗୁମି ଗାଁକୁ ଲମ୍ବିଥିବା ପାଦଚଲା ରାସ୍ତା ।

ଯାଉଛି। ଗ୍ରାମରେ ରହିଛନ୍ତି ମୋଟ ୧୮ ପରିବାର। ଲୋକ ସଂଖ୍ୟା ୧୫୦ରୁ ଊର୍ଦ୍ଧ୍ୱ। ଚାଷ ଏବଂ ମୂଲ ଲାଗି ଲୋକେ ଚଳନ୍ତି। ଗ୍ରାମର ମୁଖ୍ୟସମସ୍ୟା ରାସ୍ତା ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନାହାନ୍ତି। ଗ୍ରାମର ଶେଷ ମୁଣ୍ଡ ଜଙ୍ଗଲ ପାହାଡ ରାସ୍ତା ଦେଇ ୩ କି.ମି. ଗଲେ ଏବଂ ଗ୍ରାମରୁ ପାଦଚଲା ରାସ୍ତାରେ ଆସି ଫୁଲବାଣୀ ଏଫ୍‌ସିଆଇ ଛକ ଦେଇ ପ୍ରାୟ ୮ କିମି ଗଲେ ପିରିକୁଡି ପଞ୍ଚାୟତ କାର୍ଯ୍ୟାଳୟ ପଡେ। ଭତ୍ତା, ଚାଉଳ ପାଇଁ ବୃଦ୍ଧାବୃଦ୍ଧ ବହୁ କଷ୍ଟରେ ଯାଆନ୍ତି। ଭତ୍ତା କିମ୍ବା ଚାଉଳ ପାଇଁ ଗଲେ ଦିନଟିଏ ବିତି ଯାଉଛି। ପାହାଡ ରାସ୍ତାରେ ଟିକେ ଅସାବଧାନ ହେଲେ ବିପଦ। ବର୍ଷାଦିନେ କାହା ଦେହ ଖରାପ ହେଲେ ଭାରରେ ବୋହି ନେଇ ପାଖ ଗ୍ରାମକୁ ଯାଉ, ସେଠାରୁ ଆମ୍ବୁଲାନ୍ସ ଆସି ନିଏ। ସ୍କୁଲ ଗୋଟିଏ ଥିଲା, ତାହା ମଧ୍ୟ ବନ୍ଦ ହୋଇ ଯାଇଛି। ପରିସ୍ଥିତି ଏପରି ହେଲାଣି ଆମ ଗ୍ରାମକୁ ଆଉ କେହି ଝିଅ ଦେବାକୁ ରାଜି ହେଉ ନାହାନ୍ତି। ସମସ୍ୟା ନେଇ ଆମେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଅବଗତ କରିଛୁ। ସେମାନେ ହଁ କହୁଛନ୍ତି, ହେଲେ କାହିଁକି ରାସ୍ତା ହୋଇପାରୁନାହିଁ ତାହା ଆମେ ବି ଜାଣି ପାରୁନୁ ବୋଲି ଗ୍ରାମର ଧ୍ରୁବ କହଁର, ଉପେନ୍ଦ୍ର କହଁର, ସୁକୁମାରି କହଁର ପ୍ରମୁଖ କହିଛନ୍ତି। ଏ ନେଇ ବିଡିଓ ରବୀନ୍ଦ୍ରନାଥ କହଁରଙ୍କୁ ପଚାରିବାରୁ ମୁଁ ଏବେ ନୂଆ ଆସିଛି, କ'ଣ ସମସ୍ୟା ରହିଛି, କାହିଁକି ରାସ୍ତା ହୋଇପାରୁନାହିଁ ତାହା ବୁଝିଲା ପରେ କହିବି ବୋଲି କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ କାରବାର ମାମଲାରେ ସମ୍ପୃକ୍ତ ନିର୍ଦ୍ଦୋଷ

ଛତ୍ରପୁର,୨୩।୧୨(ଡି.ଏନ.ଏ.)-ଏକ ଗଞ୍ଜେଇ ଚୋରା କାରବାର ମାମଲାରେ ସମ୍ପୃକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି । ସେହେଲେ କୋଦାଳା ଥାନା ବିଲିପଡା ଗାଁର ତୋଫାନ ବେହେରା । ସୋମବାର ଏହି ମାମଲାର ଶୁଣାଣି କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଏଡିଜେ ସ୍ୱାଗତୀ ଦାଶ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୩ ରେ ୧୪ କି.ଗ୍ରା. ଗଞ୍ଜେଇ ସହ ତୋଫାନଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସରକାରଙ୍କ ପକ୍ଷରୁ ଓକିଲ ଡମିନାଥ ସାହୁ ଓ ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ନିରାକାର ମାଳି, ନିତ୍ୟାନନ୍ଦ ମୁଦୁଲି ଓ ବି. ସୁଧୀର ମାମଲା ପରିଚାଳନା କରୁଥିଲେ ।

### ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ଜାମିନ

ଛତ୍ରପୁର,୨୩।୧୨(ଡି.ଏନ.ଏ)- ଏକ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ମିଳିଛି। ସୋମବାର ଅଭିଯୁକ୍ତ ତଥା ଛତ୍ରପୁର ରାମଲକ୍ଷ୍ମୀ ନଗର ତୃତୀୟ ଲେନ୍‌ର ଡି.ସୁନୀଲ ପାତ୍ର ଜେଲ୍‌ରୁ ବାହାରଛନ୍ତି। ଛତ୍ରପୁର ଏଡିଜେ ସ୍ୱାଗତୀ ଦାଶ ଶନିବାର ଶୁଣାଣି କରି ତାଙ୍କୁ ଜାମିନ୍ ପ୍ରଦାନ କରିଥିଲେ। ୨୫ ହଜାର ଟଙ୍କା ମୁଚାଲିକାରେ ୨ ଜାମିନଦାରଙ୍କ ଜରିଆରେ ଜାମିନ୍‌ରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଛତ୍ରପୁର ଏସଡିଜେଏମ୍ କୋର୍ଟରେ ଏହା ଦାଖଲ ପରେ ସୁନିଲ ମୁକୁଳିଛନ୍ତି। ଜତ ୧୦ ତାରିଖରେ ସୁନିଲଙ୍କ ନାଁରେ ବଳାତ୍କାର ଅଭିଯୋଗ ଆସିଥିଲା। ଛତ୍ରପୁର ଥାନାରେ ଜଣେ ଯୁବତୀଙ୍କ ପକ୍ଷରୁ ଦିଆଯାଇଥିବା ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୨୨/୧୯) ରୁଜୁ କରିଥିଲା। ଅଭିଯୁକ୍ତ ସୁନିଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ୧୩ ତାରିଖରେ ତାଙ୍କର ଜାମିନ୍ ଆବେଦନକୁ ଛତ୍ରପୁର ଏସଡିଜେଏମ୍ ଖାରଜ କରି ଦେଇଥିଲେ । ଏହାପରେ ଏଡିଜେ କୋର୍ଟରେ ଜାମିନ୍ ଆବେଦନ କରାଯାଇଥିଲା । ଓକିଲ ଶ୍ରୀକାନ୍ତ ମିଶ୍ର, ପରମାନନ୍ଦ ମିଶ୍ର ମାମଲା ପରିଚାଳନା କରୁଥିଲେ ।

# ପଟ୍ଟା ଦାବିରେ ତହସିଲ କାର୍ଯ୍ୟାଳୟ ଘେରାଉ



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ।

ଗଞ୍ଜାମ,୨୩।୧୨(ଡି.ଏନ.ଏ.)

ଗଞ୍ଜାମ ତହସିଲ ଅଧୀନରେ ଥିବା ସହରବାସୀଙ୍କ ମୌଳିକ ସମସ୍ୟା ଘରବାରି ପଟ୍ଟା ପ୍ରଦାନରେ ବିଳମ୍ବ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ହକ୍ ପାଇଁ ରାଜରାସ୍ତା ବା ଆନ୍ଦୋଳନକୁ ଓହ୍ଲାଇଛନ୍ତି ସହରବାସୀ। ପୂର୍ବ ନିଷ୍ପତ୍ତି ପ୍ରକାରେ ସୋମବାର ପୂର୍ବାହ୍ନରେ ବଡ଼ବଜାର ଜଗନ୍ନାଥ ମନ୍ଦିରରୁ ଏକ ରାଲି ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଛନ୍ତି । ତହସିଲଦାରଙ୍କ ଅନୁପସ୍ଥିତି ଯୋଗୁ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ଗଞ୍ଜାମ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ବିକ୍ଷୋଭ ବେଳେ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର ପାଢ଼ୀ, ସୁଦାମ ଚରଣ ପଲାଇ, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା, ବୃନ୍ଦାବନ ପଲାଇ, ଗିରିଜା ଶଙ୍କର ମହାପାତ୍ର, ସୁଦାମ ଜେନା, ବାବୁଲି ପଣ୍ଡା, ମନୋଜ ପ୍ରଧାନ, ପର୍ଶୁରାମ ପରିଡ଼ା, ପପି ଗୌଡ଼, ପପୁ ପଣ୍ଡା, ଭଗବାନ ପ୍ରଧାନ, କିଶୋର ମହାପାତ୍ର, ଗୌରହରି ପାଢ଼ୀ, ଓକିଲ ଅଜୁ ପଟ୍ଟନାୟକ, ବଟ ରାଉଳ, ପ୍ରଦୀପ ପଣ୍ଡା, ସନ୍ନ୍ୟାସୀ ରାଉଳଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଉପସ୍ଥିତ ଥିଲେ। ତହସିଲଦାର ଅବନୀ କୁମାର ସାହୁଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସନାତନ ମହାଲିକଙ୍କୁ ପଚାରିବାରେ ପ୍ଲଟ ନଂ ୪୪୪ ଗ୍ରାମ କଣ୍ଟକ ଘରପଟ୍ଟା ପାଇଁ ଅଞ୍ଚଳବାସୀ ଦାବିପତ୍ର ଦେଇଥିବା ସେ କହିଛନ୍ତି। ବିଡିଓ ଜ୍ୟୋତି ଶଙ୍କର ରାଏ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ଏବଂ ଘରପଟ୍ଟା ନେଇ ଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ହଟିଥିଲା।

## ବଗଳାମୁଖୀ ମନ୍ଦିରରୁ ତାଲା ଭାଙ୍ଗି ଲୁଟ୍

ଚିକିଟି,୨୩।୧୨(ଡି.ଏନ.ଏ.)

କେ.ନୂଆଗାଁ ଥାନା ଚିକିଟିପେଣ୍ଠ ସ୍ଥିତ ବଗଳାମୁଖି ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ରବିବାର ବିଳମ୍ବିତ ରାତିରେ ଅଳଙ୍କାର ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗତ ସନ୍ଧ୍ୟାରେ ପୂଜକ ପୂଜାସାରି ମନ୍ଦିର ତାଲା ପକାଇ ଚାଲିଯାଇଥିଲେ। ସୋମବାର ସକାଳୁ ମନ୍ଦିର ଫାଟକ ଖୋଲାଥିବା ଓ ମା'ଙ୍କ ବେକରୁ ସୁନା ଓ ଅଷ୍ଟାର ରୁପା ଅଳଙ୍କାର ସହ ହୁଣ୍ଡିରେ ଥିବା ଟଙ୍କା ସମୁଦାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ସମ୍ପତ୍ତି ଚୋରି ହୋଇଥିବା ଜାଣିଥିଲେ। ଏ ନେଇ ମନ୍ଦିର କମିଟି ପକ୍ଷରୁ କେ.ନୂଆଗାଁ ଥାନାରେ ଏତଲା ଦିଆଯିବା ପରେ ଥାନାଧିକାରୀ ମାଧବାନନ୍ଦ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

## ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର,୨୩।୧୨(ଡି.ଏନ୍.ଏ.):

ପାତ୍ରପୁର ବ୍ଲକ ମୁଣ୍ଡିକେରି ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଆନ୍ଧ୍ରପ୍ରଦେଶର ଏଲୁରୁ ଜିଲା ବୈଦ୍ୟ ମେଡ଼ିକାଲରେ ମୃତ୍ୟୁ ଘଟିଛି । ସେ ହେଲେ ଜୁରିଆ ବେହେରା (୪୮) । ସୋମବାର ଗ୍ରାମରେ ମୃତଦେହ ପହଞ୍ଚିବା ପରେ ସତ୍କାର କରାଯାଇଛି। ଜୁରିଆ ଏକ କନଷ୍ଟ୍ରକସନ କମ୍ପାନୀର କିଛି ଶ୍ରମିକଙ୍କୁ ରୋଷେଇ କରି ଖାଦ୍ୟ ଯୋଗାଇବା ପାଇଁ ଗତ ମାସରେ ଆନ୍ଧ୍ରପ୍ରଦେଶ ଯାଇଥିଲେ । କିଛିଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା ରବିବାର ସକାଳୁ ହଠାତ ରକ୍ତବାନ୍ତି କରିଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରିଥିଲେ ।

## ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୨୩।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ଗାଁର ଜୁରିଆ ଗୌଡଙ୍କୁ କେ. ନୂଆଗାଁ ପୋଲିସ ସୋମବାର ହତ୍ୟା ଉଦ୍ୟମ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି। ନଂ. ୨୫୬/୧୯ ଦଫା ୨୯୪/୩୨୩/୩୨୪/୩୦୭/୫୦୬ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସର ପ୍ରାଥମିକ ତଦନ୍ତ ଅନୁସାରେ, ଗତ ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଜୁରିଆ ନିଶାସକ୍ତ ଅବସ୍ଥାରେ ତାଙ୍କ ମା' ଏବଂ ବାପାଙ୍କୁ ଗାଳି ଗୁଲଜ କରିବା ସହ ସେମାନଙ୍କୁ ଟଣା ଓଟରା କରୁଥିଲେ। ସେହି ସମୟରେ ଚାଷଜମିରୁ କାମସାରି ଘରକୁ ଫେରୁଥିବା ଜୁରିଆଙ୍କ ସମ୍ପର୍କୀୟ ଭାଇ ରମେଶ ଗୌଡ ଛଡ଼ାଇବାକୁ ଯିବାରୁ ଜୁରିଆ ହାତରେ ଧରିଥିବା ବ୍ଲେଡରେ ରମେଶଙ୍କ ବେକ କାଟି ଦେଇଥିଲେ। ଗୁରୁତର ଆହତ ରମେଶଙ୍କୁ ଗାଁର ଏକ ଘରୋଇ କ୍ଲିନିକରେ ଭର୍ତ୍ତି କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଜ୍ଞାନରଞ୍ଜନ ସେଠୀ କହିଛନ୍ତି। ରମେଶଙ୍କ ଭାଇ ପୂର୍ଣ୍ଣ ଚନ୍ଦ୍ର ଗୌଡ ଏନେଇ ଥାନାରେ ଏତଲା ଦେବାପରେ ଆଇଆଇସି ମାଧବାନନ୍ଦ ନାୟକ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ।




### ■ କିଲୋ ୬ ଟଙ୍କାରେ ସ୍କୁଲ ବହି ବିକ୍ରି ଘଟଣା

## ନିଲମ୍ବିତ ହେଲେ ଶିକ୍ଷୟିତ୍ରୀ

ପାଟପୁର,୨୩।୧୨

ଗଞ୍ଜାମ ଜିଲା ପାଟପୁର ଗ୍ରାମ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ବହିକୁ ଜଣେ ଶିକ୍ଷୟିତ୍ରୀ ୬ଟଙ୍କା କିଲୋରେ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରମାଣ ମିଳିବା ପରେ ଶିକ୍ଷୟିତ୍ରୀ ସାବିତ୍ରୀ ଦେବୀଙ୍କୁ ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ଚନ୍ଦ୍ର ପାଢ଼ୀ ସୋମବାର ଚାକିରିରୁ ନିଲମ୍ବିତ କରିଛନ୍ତି। ପ୍ରକାଶ ଯେ, ଗତ ଶନିବାର ଶିକ୍ଷୟିତ୍ରୀ ଜଣକ ୨ କୁଇଣ୍ଟାଲ ବହିକୁ କବାଡି ବ୍ୟବସାୟୀଙ୍କୁ ବିକ୍ରି କରିଦେଇଥିଲେ। ଏ ନେଇ ଗ୍ରାମବାସୀ ବିରୋଧ କରିବା ସହ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଉପ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ବିଇଓ ପାଢ଼ୀ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ପାଇ ଶିକ୍ଷୟିତ୍ରୀ ସାବିତ୍ରୀଙ୍କୁ ନିଲମ୍ବିତ କରାଯାଇ ତାଙ୍କୁ ଭାଲିଆଝୋଳା ପ୍ରାଥମିକ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି ବୋଲି ନିର୍ଦ୍ଦେଶ ଜାରି ହୋଇଛି।

### ■ ମାଛ ବୋଝେଇ ଅଟୋ ଦୁର୍ଘଟଣାଗ୍ରସ୍ତ

## ଜଣେ ମୃତ, ଡ୍ରାଇଭର ଆହତ

ବେଗୁନିଆପଡ଼ା,୨୩।୧୨(ଡି.ଏନ.ଏ.)

ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଗଞ୍ଜାମ ଜିଲା କୋଦଳା ଥାନା କଞ୍ଚଣା ମୁଖ୍ୟ ରାସ୍ତାରେ ଏକ ମାଛ ବୋଝେଇ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ସହ ଅଟୋ ଡ୍ରାଇଭର ଆହତ ହୋଇଛନ୍ତି। ମୃତ ମହିଳା ହେଲେ କଞ୍ଚଣା ଗ୍ରାମର କୁମର ବେହେରାଙ୍କ ସ୍ତ୍ରୀ ବାସନ୍ତୀ (୪୫)।

ସୂଚନା ଅନୁଯାୟୀ, ମାଛ ବୋଝେଇ ଅଟୋ (ନଂ ଓଡି୩୨ଏଫ୦୩୯୨) ବାଲୁଗାଁରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ବେଳେ ଭୁବନେଶ୍ୱର-ଆସ୍କା ମୁଖ୍ୟ ରାସ୍ତା କଞ୍ଚଣାରେ ମହିଳା ଜଣକ ରାସ୍ତା ଅତିକ୍ରମ କରୁଥିବା ବେଳେ ଅଟୋଟି ନିୟନ୍ତ୍ରଣ ହରାଇ ତାଙ୍କୁ ଧକ୍କା ଦେଇ ଓଲଟି ପଡିଥିଲା। ତୁରନ୍ତ ଦୁହିଁଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋ ଜବତ କରିଛି।

## ୱାରେଣ୍ଟ ବଳରେ ୩ ଅଭିଯୁକ୍ତ କୋର୍ଟ ଚାଲାଣ

ଦିଗପହଣ୍ଡି,୨୩।୧୨(ଡି.ଏନ୍.ଏ.)

ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ୱାରେଣ୍ଟ ବଳରେ ୩ଜଣ ଅଭିଯୁକ୍ତଙ୍କୁ ସୋମବାର ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛନ୍ତି। ସେମାନେ ହେଲେ ପୁରୁଣା ଅନନ୍ତେଇ ଗ୍ରାମର ବିଷ୍ଣୁ ଦାସ, ସାରଥି ଦାସ ଏବଂ ବାବୁଲା ଦାସ। ମାମଲା ନଂ. ୧୧୭୪/୧୪ ଅନୁଯାୟୀ ୱାରେଣ୍ଟ ଜାରି କରାଯାଇଥିଲା। ଅଭିଯୁକ୍ତମାନେ ଦୀର୍ଘଦିନ ହେଲା ଜାମିନରେ ମୁକୁଳିଥିଲେ ମଧ୍ୟ କୋର୍ଟଙ୍କ ନିର୍ଦ୍ଦେଶରେ ନିୟମିତ କୋର୍ଟରେ ଉପସ୍ଥିତ ନ ରହିବାରୁ ଅଭିଯୁକ୍ତମାନଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିଲା।




